# Akashvani, Sambalpur

## SAMBALPURI NEWS EVENING BULLETIN

## 21 April 2024- 7.02 pm- 7.12 pm.

*******************************************

୧- ବିଶ୍ୱ ଶାନ୍ତି ସୁନିଶ୍ଚିତ୍ କର୍‌ବାର୍ ଲାଗି ଆଏଜ୍ ସାରା ପୁର୍‌ଥି ଭାରତ୍ ଉପ୍‌ରେ ରଖିଛେ ନଜର୍ -କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ମହାବୀର୍ ଜୟନ୍ତୀ ଉଲ୍‌ଗୁନେ ଦେଶ୍‌ବାସୀଙ୍କୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶୁଭେଚ୍ଛା ।

୩- ସର୍‌କାରୀ କର୍ମଚାରୀମାନ୍‌କୁ ସମ୍ମାନ୍ ଜନାବାର୍ ଉଦ୍ଦେଶ୍‌ଥି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ନାଗରିକ ସେବା ଦିବସ୍ ।

ଆଉର୍

୪- ରାଏଜେ ଗ୍ରୀଷ୍ମପ୍ରବାହ ଜାରି ।

- ଆଏବା ଗୁରୁବାର୍‌ନୁ ସ୍କୁଲ୍ ମାନ୍‌କର୍ ଲାଗି ଖରାଛୁଟି ଘୋଷ୍‌ନା କଲେ ରାଜ୍ୟ ସର୍‌କାର୍ ।

ପି.ଏମ୍- ମହାବୀର୍ ଜୟନ୍ତୀ ଆର୍ଏନ୍ୟୁ/ କଟକ୍

ବିଶ୍ୱଶାନ୍ତିକେ ସୁନିଶ୍ଚିତ୍ କର୍ବାର୍ ଲାଗି ଇହାଦେ ସାରା ପୁର୍ଥି ଭାରତ୍ ଆଡ଼୍କେ ଦେଖୁଛେ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ମହାବୀର୍ ଜୟନ୍ତୀ ଉଲ୍ଗୁନେ ନୂଆଦିଲ୍ଲୀ ଠାନେ ୨ ହଜାର୍ ୫ ଶହ ୫୦ ନମ୍ବର୍ ମହାବୀର୍ ନିର୍ବାଣ ମହୋତ୍ସବ୍କେ ଉଦ୍ଘାଟନ୍ କରିକରି ପ୍ରଧାନ୍ମନ୍ତ୍ରୀ କହିଛନ୍ ଯେ, ନୂଆ ଭାରତ୍ର ଭୂମିକାର୍ ଶ୍ରେୟ ଆମର୍ ଅଭିବୃଦ୍ଧିଶୀଳ ଦକ୍ଷତା ଆର୍ ବୈଦେଶିକ୍ ନୀତିକେ ହିଁ ଯାଉଛେ । ସାରା ପୁର୍ଥି ନ ଦେଖାଦେଉଥିବା ସଂଘର୍ଷ ଆଉ ଯୁଦ୍ଧ ଥିତି ଭିତ୍ରେ ଭାରତ୍ର ତୀର୍ଥଙ୍କର୍ ମାନ୍କର୍ ବାଣୀ ଖୋବ୍ ମହତ୍ୱପୂର୍ଣ୍ଣ ଆଏ । ଭଗବାନ୍ ମହାବୀରଙ୍କର୍ ଲାଗି ଯୁଆନ୍ ପିଢ଼ିଙ୍କର୍ ଆକର୍ଷଣ ଦେଶ୍ ସତ୍ମାର୍ଗଥି ଯାଉଥିବାର୍ ଆଉ ଆଗ୍କେ ବଢୁଥିବାର୍ଟା ସୁନିଶ୍ଚିତ୍ କରଉଛେ ।

ପ୍ରଧାନ୍ମନ୍ତ୍ରୀ କହିଛନ୍ ଯେ, ଭାରତ୍ ଖାଲି ପୁର୍ଥିର୍ ସବୁଠାନୁ ପୁରାତନ୍ ସଭ୍ୟତା ନୁହେଁ ବରଂ ମାନବ୍ଜାତିର୍ ଗୁଟେ ସୁରକ୍ଷିତ୍ ସ୍ୱର୍ଗ । ଭାରତ୍ ଖାଲି ନିଜର୍ ଲାଗି ଚିନ୍ତା ନାଇଁ କରିକରି ସମସ୍ତଙ୍କର୍ ଲାଗି ଚିନ୍ତା କର୍ସି । ସେ କହିଛନ୍ ଯେ, ଭାରତ୍ ପୁର୍ଥି ନ ସତ୍ୟ, ଅହିଂସା ଆଉ ଆତ୍ମବିଶ୍ୱାସ୍ର ମତକେ ପ୍ରତିଫଳିତ୍ କରୁଛେ । ଇ ଉଲ୍ଗୁନେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ ଉଦ୍ବୋଧନ୍ ଦେଇକରି କହିଥିଲେ ଯେ, ଆଏଜ୍ ଭିଲ୍

ଭଗବାନ୍ ମହାବୀରଙ୍କର୍ ନୀତି ଆଉ ଆଦର୍ଶର ପ୍ରାସଙ୍ଗିକତା ରହିଛେ ।

ନିଜେ ବଂଚ୍‌ବାର୍ ଆଉ ଅଲ୍‌ଗାମାନ୍‌କୁ ବଂଚ୍‌ବାର୍‌କେ ଦେବାର୍ ନୀତି ଆଝିର୍ ସମିଆଥି ଖୋବ୍ ଗୁରୁତ୍ୱପୂର୍ଣ୍ଣ ଆଏ । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଗୁଟେ ସ୍ମାରକୀ ଡାକଟିକଟ୍ ଉନ୍ମୋଚନ୍ କରିଥିଲେ । ୨୪ ନମ୍ବର୍ ତୀର୍ଥଙ୍କର୍ ଭଗବାନ୍ ମହାବୀର୍ ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚର୍ଯ୍ୟ ଅପରିଗ୍ରହ ବାଗିର୍ ଜୈନ ନୀତି ମାନ୍‌କର୍ ସହେତେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ୍ ଆଉ ଭାଇଚାରାର ରାସ୍ତା ପ୍ରଦର୍ଶନ୍ କରିଥିଲେ ।

ମହାବୀର ଜୟନ୍ତୀ- ଶୁଭେଚ୍ଛା ଆର୍‌ଏନ୍‌ୟୁ/ କଟକ୍

ମହାବୀର୍ ଜୟନ୍ତୀ ଉଲ୍‌ଗୁନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ତାଁକର୍ ବାର୍ତାଥି କହିଛନ୍ ଯେ, ମହାବୀର୍ ଜୟନ୍ତୀ ଆମ୍‌କୁ ପ୍ରେମ ଆଉ ଶାନ୍ତିର୍ ବାର୍ତା ଦେସି । ଭଗବାନ ମହାବୀର୍ ଆମ୍‌କୁ ଅହିଂସା, ସତ୍ୟ, ଆତ୍ମତ୍ୟାଗ ଆଉ ବ୍ରହ୍ମଚର୍ଯ୍ୟର୍ ବାଟ୍ ପ୍ରଦର୍ଶନ୍ କର୍‌ସନ୍ । ତାଙ୍କର୍ ବାଣୀ ସବୁବେଲେ ଜନକଲ୍ୟାଣ୍ ଲାଗି ପ୍ରାସଙ୍ଗିକ । ଇ ଅବ୍‌ସରେ

ରାଷ୍ଟ୍ରପତି କହିଛନ୍ ଯେ, ଆମେ ସମାଜ୍ ନ ପ୍ରେମ ଆଉ ସଂହତି ବଜାୟ ରଖ୍‌ବାର୍ ଲାଗି ଶପଥ୍ ନେବାର୍ ସହେତେ ଦେଶ୍‌ର ବିକାଶ୍ ଲାଗି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କର୍‌ବାର୍ ଦର୍‌କାର୍ ।

ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ଼୍ କହିଛନ୍ ଯେ, ଭଗବାନ ମହାବୀର ଆମ୍‌କୁ ଶାନ୍ତିପୂର୍ଣ୍ଣ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଉ ସମୃଦ୍ଧ ସମାଜ୍ ଗଠନ୍ କର୍‌ବାର୍ ଲାଗି ରାସ୍ତା ଦେଖେଇଛନ୍ । ନାଗରିକ୍‌ମାନେ ମହାବୀରଙ୍କର୍ ବାଣୀକେ ନିଜର୍ ଜୀବନ୍‌ଥି ଆଦର୍ଶ ଭାବେ ଗ୍ରହଣ୍ କର୍‌ବାର୍ ଲାଗି ସେ ସମ୍‌କୁ ଆହ୍ୱାନ୍ ଦେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାବୀର୍ ଜୟନ୍ତୀର୍ ଶୁଭେଚ୍ଛା ଜନାବାର୍ ସହେତେ ତାଙ୍କର୍ ବାର୍ତାଥି କହିଛନ୍ ଯେ, ଗୁଟେ ବିକଶିତ୍ ଭାରତ୍ ଗଠନ୍ ଲାଗି ଭଗବାନ୍ ମହାବୀରଙ୍କର୍ ଶାନ୍ତି ଆଉ ସୌହାର୍ଦ୍ଦ୍ୟ ଆମର୍ ଲାଗି ପ୍ରେରଣା ଆଏ ।

ୟୁଜିସି ନେଟ୍ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ଜାତୀୟ ଯୋଗ୍ୟତା ପରୀକ୍ଷା - ୟୁଜିସି ନେଟ୍ ଜୁନ୍ ୨୦୨୪ ଲାଗି ଏନ୍‌ଟିଏ ତର୍‌ଫୁ ପଞ୍ଜିକରଣ୍ କାମ୍ ମୁଲ୍ ହେଇଛେ । ଇଚ୍ଛୁକ ପ୍ରାର୍ଥୀମାନେ ୱେବ୍‌ସାଇଟ୍‌ଥି ଥିବା ଲିଙ୍କ୍ ଜରିଏ ଆବେଦନ୍

କରିପାର୍‌ବେ । ଆଏବା ମେ ମାସର୍ ୧୦ ତାରିଖ୍‌କେ ଆବେଦନ୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଥିବାର୍ ବେଲେ ଫି’ ଦାଖଲ୍ ଲାଗି ଶେଷ୍ ତାରିଖ୍ ମେ ୧୧ ଆଉ ୧୨ ତାରିଖ୍ ରହିଛେ । ବିଜ୍ଞପ୍ତି ଅନ୍‌ସାରେ ଯୋଗ୍ୟ ପ୍ରାର୍ଥୀମାନ୍‌କୁ ଜୁନିୟର୍ ରିସର୍ଚ୍ଚ ଫେଲୋସିପ୍, ସହକାରୀ ପ୍ରଫେସର୍ ଆଉ ୮୩ ଟା ବିଷେଥି ପିଏଚ୍‌ଡି ନ ନାଁ ଲେଖାବାର୍ ଲାଗି ଯୋଗ୍ୟ ବିବେଚିତ କରାଯିବା । ପ୍ରାର୍ଥୀମାନେ ଗୁଟେ ବିଷେଥି ଆବେଦନ୍ କରିପାର୍‌ବେ ବିଲି ବିଶ୍ୱବିଦ୍ୟାଲୟ ଅନୁଦାନ୍ ଆୟୋଗ୍ ତର୍‌ଫୁ କୁହାଯାଇଛେ ।

ଜାତୀୟ ସିଭିଲ୍ ସାର୍ଭିସ୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ନାଗରିକ ସେବା ଦିବସ୍ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ସର୍‌କାରୀ କର୍ମଚାରୀମାନ୍‌କର୍ କଠିନ୍ ପରିଶ୍ରମ, ନିଷ୍ଠାର୍ ଲାଗି ସାଧାରଣ ଲୁକ୍‌କର୍ ଜୀବନ୍ ଯାତ୍ରା ସହଜିଆ ହେଇପାରିଛେ । ଇଥିର୍‌ଲାଗି ସେମାନ୍‌କୁ ସମ୍ମାନ୍ ଜନାବାର୍ ଉଦ୍ଦେଶ୍ୟେ ଆଏଜ୍ ଜାତୀୟ ନାଗରିକ ସେବା ଦିବସ୍ ପାଲନ୍ କରାଯାଉଛେ । ଇ ଉଲ୍‌ଗୁନେ ରାଜ୍ୟପାଲ୍ ରଘୁବର ଦାସ ସବୁ କର୍ତବ୍ୟନିଷ୍ଠ ସର୍‌କାରୀ କର୍ମଚାରୀମାନ୍‌କୁ ହାର୍ଦ୍ଦିକ୍ ଶୁଭେଚ୍ଛା ଆଉ ଶୁଭକାମନା

ଜନେଇଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ନାଗରିକ୍ ସେବା ଦିବସ୍‌ଥି ସବୁ ସର୍‌କାରୀ କର୍ମଚାରୀମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ 'ଷ୍ଟିଲ୍ ଫ୍ରେମ୍ ଅପ୍ ଇଣ୍ଡିଆ' ସ୍ୱଚ୍ଛ ଆଉ ପ୍ରତିକ୍ରିୟାଶୀଳ ପ୍ରଶାସନ୍ ଜରିଏ ନାଗରିକ୍‌ମାନ୍‌କୁ ସଶକ୍ତ କର୍‌ବାର୍ ସହେତେ ଦେଶ୍‌କେ ବର୍‌କସ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ ଦିବସ୍ ଅବ୍‌ସରେ କହିଛନ୍ ଯେ, ତୃଣମୂଲ୍‌ସ୍ତର୍ ନ ସାଧାରଣ ଜନତାଙ୍କର୍ ଉନ୍ନତିର୍ ଲାଗି ସର୍‌କାରୀ କର୍ମଚାରୀମାନ୍‌କର୍ କଠିନ୍ ପରିଶ୍ରମ୍ ପ୍ରଶଂସନୀୟ ଆଏ । ଭାରତ୍‌ର 'ଷ୍ଟିଲ୍ ଫ୍ରେମ୍' ସବୁବେଲେ ସେବା, କର୍ତବ୍ୟ ଆଉ ଜନକଲ୍ୟାଣ୍ ଜରିଏ ପରିଚାଲିତ୍ ହେଉ ବଲି ସେ କହିଛନ୍ ।

## ଆଇଏଏସ୍ ଶିକ୍ଷାନବୀସଙ୍କର୍ ଯୋଜନା ବିଭାଗ୍ ପରିଦର୍ଶନ୍

ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍‌ନେଶ୍ୱର୍ ଗୋପବନ୍ଧୁ ପ୍ରଶାସନିକ୍ ଏକାଡେମୀ ନ ପ୍ରଶିକ୍ଷଣ୍ ନେଇଥିବା ୨୦୨୨ ବେଚ୍‌ର ୬ ଝନ୍ ଆଉ ୨୦୨୩ ବେଚ୍‌ର ୮ ଝନ୍ ଓଡ଼ିଶା କେଡ଼ର୍ ଭାରତୀୟ ପ୍ରଶାସନିକ୍ ଅଧିକାରୀ - ଆଇଏଏସ୍ ପ୍ରବେଶନର୍ ଗଲାକାଏଲ୍

ଲୋକ୍‌ସେବା ଭବନ୍ ଠାନେ ଉନ୍ନୟନ କମିଶନର୍- ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କୁ ଭେଟିଥିଲେ । ଇ ଉଲ୍‌ଗୁନେ ଆଇଏଏସ୍ ପ୍ରଶିକ୍ଷାର୍ଥୀମାନ୍‌କୁ ନିରନ୍ତର୍ ବିକାଶ୍ ଲକ୍ଷ୍ୟ- ଏସ୍‌ଡିଜି ଆଉ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କର ଭିନ୍ ଭିନ୍ ଜଟିଳ ଆଉ ଗୁରୁତ୍ୱପୂର୍ଣ୍ଣ ବିଷେଥି ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ଏଜେଣ୍ଡା- ୨୦୩୦ ର କାର୍ଯ୍ୟକାରିତା ଦିଗେ ପ୍ରଶାସନ୍ ତର୍‌ଫୁ ନିଆଯାଉଥିବା ପଦକ୍ଷେପ୍ ଆଉ ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍ ଅଧୀନ୍‌ଥି ଥିବା ଯୋଜନା କାର୍ଯ୍ୟକ୍ରମ୍ ବାବ୍‌ଦେ ଅବଗତ କରାଯାଇଥିଲା । ଇତାର୍ ଆଗ୍‌ରୁ ଇସବୁ ଆଇଏଏସ୍ ପ୍ରବେସନର ମାନେ ରାଜୀବ୍ ଭବନ୍‌ର ଜଲ୍‌ସମ୍ପଦ୍ ବିଭାଗ୍ ନ ନିର୍ମାଣ ନିଗମ ଲିମିଟେଡ୍ ତର୍‌ଫୁ ଲକ୍ଷ୍ୟ ଆଉ କାର୍ଯ୍ୟ ବାବ୍‌ଦେ ଉପସ୍ଥାପନା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ ।

ନିର୍ବାଚନ୍ ତାଲିମ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ଆଏବା ସାଧାରଣ ନିର୍ବାଚନ୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲାର୍ ପ୍ରିଜାଇଡିଂ ଅଧିକାରୀ ଆଉ ସବୁ ପୁଲିଂ ଅଧିକାରୀମାନ୍‌କର୍ ଆଏଜ୍ ରିଫ୍ରେସର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଗଙ୍ଗାଧର୍

ମେହେର୍ ବିଶ୍ୱବିଦ୍ୟାଲୟ ଠାନେ ହେଇଥିଲା । ଇଥି ମତଦାନ୍ କେନ୍ଦ୍ର ନ ସୁରକ୍ଷା ବ୍ୟବସ୍ଥା, ଇଭିଏମ୍ ଆଉ ଭିଭିପାଟ୍‌ର ସ୍ଥାପନା ଆଉ ପରିଚାଳନା, ନିୟନ୍ତ୍ରଣ କକ୍ଷ ୟୁନିଟ୍ ବ୍ୟବସ୍ଥା ବାବ୍‌ଦେ ମାଷ୍ଟର୍ ଟ୍ରେନ୍‌ର ମାନେ ତାଲିମ୍ ଦେଇଥିଲେ । ଇ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଆଏବା କାଏଲ୍ ଭିଲ୍ ଚାଲ୍‌ବା ବଲି ଜନାପଡ଼ିଛେ ।

ନିର୍ବାଚନ ସୁରକ୍ଷା ନୂଆପଡ଼ା ସମ୍ବାଦଦାତା

ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍‌କେ ନଜର୍‌ଥି ରଖିକରି ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜବର୍ ବ୍ୟବସ୍ଥା କରାଯାଉଛେ । ନୂଆପଡ଼ା ଜିଲ୍ଲା ସଦର୍ ମହକୁମାନୁ ୧୫ କିଲୋମିଟର୍ ଦୂରେ ଥିବା ଆନ୍ତଃରାଜ୍ୟ ଫାଟକ୍ ନ ଗାଡ଼ିମଟର୍‌ର ଯାଂଚ୍ କରାଯାଉଛେ । ପୁଲିସ୍, ଜଙ୍ଗଲ୍, ଅବକାରୀ ବିଭାଗ୍ ଆଉ ରାଜ୍ୟ ନିର୍ବାଚନ୍ ସଭିଲେନ୍ସ ଟିମ୍‌ଙ୍କୁ ଇ ଯାଂଚ୍‌ଥି ସାମିଲ୍ କରାଯାଇଛେ । ଭୋଟ୍‌କେ ପ୍ରଭାବିତ୍ କରୁଥିବା ନିଶା ଦରବ୍ ଜବତ୍ କର୍‌ବାର୍ ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ଅଧିକାରୀମାନେ କହିଛନ୍ ।

କାଲ୍‌ବୈଶାଖୀ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହରେ ଆଏଜ୍ ଜବର୍ କରା ବର୍ଷିଛେ । ଇତାର୍‌ସହେତେ ଧୁକାଧନ୍ଦି ଆର୍ କାଲ୍‌ବୈଶାଖୀ ବର୍ଷା ହେଇଥିଲା । ସହରର୍ ଠାନେ ଠାନେ ଗଛ୍ ରାସ୍ତା ଉପ୍‌ରେ ପଡ଼ିଛେ । ଦମ୍‌କଲ୍ ବାହିନୀ ଘଟ୍‌ନା ଜାଗା ନ ପୁହୁଁଚିକରି ସଡ଼କ୍ ଉପ୍‌ରୁ ଗଛ୍ ମାନ୍‌କୁ ହଟେଇଛନ୍ ।

ସ୍କୁଲ୍ ଛୁଟି ପ୍ରେସ୍ ରିଲିଜ୍

ଗ୍ରୀଷ୍ମପ୍ରବାହ ଆଉ ପାଣିପାଗ୍ ବିଭାଗ୍‌ର ସୂଚ୍‌ନାକେ ଆଧାର୍ କରିକରି ରାଜ୍ୟ ସର୍‌କାର୍ ଆଏବା ୨୫ ତାରିଖ୍ ଗୁରୁବାର୍ ଦିନୁ ସ୍କୁଲ୍ ମାନ୍‌କର୍ ଖରାଛୁଟି କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ । ଆଏବା କାଏଲ୍‌ନୁ ବୁଧବାର୍‌ତକ୍ ୩ ଦିନ୍ ଲାଗି ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆଉ ବେସର୍‌କାରୀ ସ୍କୁଲ୍‌ମାନ୍‌କୁ ସଖାଲର ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ଖୁଲ୍‌ବାର୍‌କେ ରାଜ୍ୟ ସର୍‌କାର୍ ଘୋଷ୍‌ନା କରିଛନ୍ ।

ହେଲେ ଆଏବା ଗୁରୁବାର୍‌ଠାନୁ ଖରାଛୁଟି ମୁଲ୍ ହେବା । ଖରାଛୁଟି ସମିଆଥି ସର୍‌କାରୀ, ଅନୁଦାନ୍ ପାଉଥିବା ସ୍କୁଲ୍‌ର ଛାତ୍ରଛାତ୍ରୀ, ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଲାଗି ଶିକ୍ଷା ଆର୍ ଶୈକ୍ଷିକ କାର୍ଯ୍ୟକ୍ରମ୍ ଲାଗି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଆଉ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କର୍ ସିଧା ତତ୍ତ୍ୱାବଧାନଥି ପରିଚାଳନା କରାଯିବା ବଲି ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ ।

ତାପମାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ରାଜ୍ୟର୍ ୩୦ ଟା ଜାଗା ନ ତାତି ୪୦ ଡିଗ୍ରୀ ସେଲ୍ସିଅସ୍‌ନୁ ଉପ୍ରେ ରହିଥିଲା । ବାରିପଦା ନ ରାଜ୍ୟର୍ ସବୁଠାନୁ ଜହ ୪୦ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ତାତି ରେକର୍ଡ଼ କରାଯାଇଥିଲା । ସେଆଡ଼େ ପଶ୍ଚିମ ଓଡ଼ିଶାର୍ ଦିନର୍ ସବୁନୁ ଜହ ତାତି ନୂଆପଡ଼ା ନ ୪୪ ଡିଗ୍ରୀ, ଝାର୍ସୁଗୁଡ଼ା ନ ୪୩ ଦଶ୍ମିକ୍ ୬, ବଲାଙ୍ଗିର୍ ନ ୪୩ ଦଶ୍ମିକ୍ ୨, ସୁନ୍ଦର୍ଗଡ଼୍ ଆର୍ ବୌଦ୍ଧ ନ ୪୩ ଡିଗ୍ରୀ ଲେଖା, ଟିଟିଲାଗଡ଼୍ ନ ୪୨ ଦଶ୍ମିକ୍ ୫, ରାଉର୍କେଲା ନ ୪୨ ଦଶ୍ମିକ୍ ୧, ଭବାନୀପାଟ୍ନା ନ ୪୨, ହୀରାକୁଦ୍ ନ ୪୧ ଦଶ୍ମିକ୍ ୯, ସମ୍ବଲ୍ପୁର୍ ନ ୪୧ ଦଶ୍ମିକ୍ ୭, ସୁବର୍ଣ୍ଣପୁର୍ ଆର୍ ବର୍ଗଡ଼୍ ନ ୪୦ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ତାତି ରେକର୍ଡ଼ କରାଯାଇଛେ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।

ଧୁକାଧନ୍ଦି ଅନୁମାନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଇଲାକା ନ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ହେଲେ ଆଏଜ୍ କେତେଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବିଜ୍‌ଲି ମାର୍‌ବା ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଇଥିର୍‌ଲାଗି ବଲାଙ୍ଗିର୍, ସୁବର୍ଣ୍ଣପୁର୍, କଲାହାଣ୍ଡି, ନୂଆପଡ଼ା, ବୌଦ୍ଧ ଜିଲ୍ଲା ନ ଘଂଟାକ ୪୦ ନୁ ୫୦ କିଲୋମିଟର୍ ବେଗେ ପବନ୍ ବୁହିବା ବଲି ଅନୁମାନ୍ କରାଯାଇଛେ । ହେଲେ ଆଏବା କାଏଲ୍ ଭିଲ୍ ଗ୍ରୀଷ୍ମପ୍ରବାହ ଜାରି ରହେବା । ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଅନୁଗୁଲ୍, କଲାହାଣ୍ଡି, ନୂଆପଡ଼ା, ବୌଦ୍ଧ ଆର୍ ଉତର୍ ଓଡ଼ିଶାର୍ ଜିଲ୍ଲାମାନ୍‌କୁ ଗ୍ରୀଷ୍ମ ପ୍ରବାହର୍ ଲାଗି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ସମୁଦ୍ରକୁଲିଆ ଜିଲ୍ଲାମାନ୍‌କେ ଗୁଲ୍‌ଗୁଲି ଲାଗି ରହେବା । ହେଲେ ସୋମ୍‌ବାର୍‌ଠାନୁ ୩ ଦିନ୍‌ତକ୍ ରାଏଜେ ତାତି ୨ ଡିଗ୍ରୀନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ କମ୍‌ବା । ତାର୍ ଉତାରୁ ଫେର୍‌ଘାଏ ତାତି ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।